ତଫସିର କବୀରର ୧୦ଟି ଭାଗ ପ୍ରକାଶିତ । ତହିଁରେ କୁରଆନ କରୀମର ୫୯ଟି ସୁରତର ତଫସିର ବା ବ୍ୟାଖ୍ୟା ବର୍ଣ୍ଣିତ ହୋଇଛି । ତଫସିର କବୀରର ଦଶଖଣ୍ଡରେ ମୋଟ୍ ୫୯୦୭ ପୃଷ୍ଠା ଅଟେ । ମୁସଲେହ୍ ମଉଦ୍ ର.ଅଙ୍କ ଅପ୍ରକାଶିତ ତଫସିରର ଦରସୁଲ୍ କୁରଆନ ଯାହାକି ଅପ୍ରକାଶିତ ଥିଲା ତାହା ରିସର୍ଚ୍ଚ ସେଲ୍ କମ୍ପୋଜ୍ କରିବା ପରେ ଫଜ଼ଲେ ଉମର ଫାଉଣ୍ଡେଶନକୁ ହସ୍ତାନ୍ତର କରି ଦିଆଯାଇଛି । ତାହାର ପୃଷ୍ଠା ସଂଖ୍ୟା ୩୦୯୪ ଅଟେ । ଏହାପରେ ମୁଁ ରିସର୍ଚ୍ଚ ସେଲକୁ କହିଥିଲ ଯେ, ହଜ଼ରତ ମୁସଲେହ୍ ମଉଦ୍ ର.ଅଙ୍କ ଲେଖନୀ ଓ ଆଦେଶାବଳୀ ମଧ୍ୟରୁ ତଫସିରେ କୁରଆନ ଏକତ୍ରିତ କରାଯାଉ । ଯାହା ଉପରେ କାମ ଆରମ୍ଭ କରାଯାଇଛି ଏବଂ ବର୍ତ୍ତମାନ ସୁଦ୍ଧ ୯୦୦୦ ପୃଷ୍ଠା ସମ୍ବଳିତ ତଫସିର ଉଦ୍ଧୃତ ହୋଇସାରିଛି ଏବଂ ଏହା ଉପରେ ଅତିରିକ୍ତ କାର୍ଯ୍ୟ ଜାରି ଅଛି । ଏହା ତ' ହଜ଼ରତ ମୁସଲେହ୍ ମଉଦ୍ ର.ଅଙ୍କ କେବଳ ଏକ ସଂକ୍ଷିପ୍ତ ସମୀକ୍ଷା ଅଟେ । ଅଲ୍ଲାତାଲାଙ୍କ ଅଶେଷ ଅଶେଷ ଦୟା ହଜ଼ରତ ମୁସଲେହ୍ ମଉଦ୍ ର.ଅଙ୍କ ଉପରେ ଅବତୀର୍ଣ୍ଣ ହେଉ ଏବଂ ପ୍ରତ୍ୟେକ ମୁହୂର୍ତ୍ତ ଅଲ୍ଲାଃତାଲା ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ଆମେମାନେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ସେହି ବୀର ପୁତ୍ରଙ୍କ ପରି ଇସଲାମର ପ୍ରଚାର ତଥା ପ୍ରସାର କରିବାର ବ୍ୟଥା ନିଜ ହୃଦୟରେ ମଧ୍ୟ ସୃଷ୍ଟି କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରୁ ଓ ଇସଲାମର ସେବା ପାଇଁ ଆମେ ପ୍ରତ୍ୟେକ ମୁହୂର୍ତ୍ତ ଅଣ୍ଟା ଭିଡ଼ି ଛିଡ଼ା ହେଉ ଏବଂ ସେହି ଲୋକମାନଙ୍କ ମଧ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରି ଯେଁଉମାନେ କି ଧର୍ମର ସେବକ ଅଟନ୍ତି ନାକି ସେହି ଲୋକମାନଙ୍କ ପରି ହେବୁ ଯେଉଁମାନଙ୍କ ସଂକ୍ରାନ୍ତରେ ହଜ଼ରତ ମୁସଲେହ୍ ମଉଦ୍ ର.ଅ କହିଥିଲେ ଯେ, آپ کے وقت میں یہ سلسلہ بدنام نہ ہو । ଅଲ୍ଲାଃତାଲା ନକରନ୍ତୁକି ଆମେମାନେ ଏହି ସଂପ୍ରଦାୟକୁ ବଦନାମ କରିବୁ । ବରଂ ଆମେମାନେ ସେବା ମନୋବୃତ୍ତି ନେଇଁ ଆଗକୁ ଅଗ୍ରସର ହେବୁ ।

ହୁଜୁର ଅ.ବ କହିଲେ : ନମାଜ୍ ପରେ ଦୁଇଟି ନମାଜ୍ ଯନାଜ଼ାଃ ମଧ୍ୟ ପଢେଇବି । ପ୍ରଥମଟି ହେଉଛି ସ୍ୱର୍ଗତା ମରିୟମ୍ ଏଲିଜ଼ାବେଥ୍ ସାହେବା । ଯିଏକି ମୁଲତାନ ସହରର ଆଭିଜାତ୍ୟ ବ୍ୟକ୍ତି ଶ୍ରୀଯୁକ୍ତ ଉମର ଅଲୀ ଖୋଖର ସାହେବ୍ ଏବଂ ମୁଲତାନର ପୂର୍ବତନ ଅମୀରଙ୍କର ଦ୍ୱିତୀୟ ପତ୍ନୀ ଥିଲେ । ଏକ ଦୁର୍ଘଟଣାରେ ୮୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଥିଲା। إِنَّا لِلّٰهِ وَإِنَّا إِلَيْهِ رَاجِعُونَ ।

ଦ୍ୱିତୀୟ ଯନାଜ଼ାଃ ହେଉଛି ପ୍ରିୟ ସ୍ୱର୍ଗତ ଜାହିଦ୍ ଫାରିସ୍ ଅମହଦର । ଯିଏ ୧୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ ।إِنَّا لِلّٰهِ وَإِنَّا إِلَيْهِ رَاجِعُونَ। ସ୍ୱର୍ଗତ ଜାହିଦ୍ ଫାରିସ୍ ତାରିକ୍ ନୁରୀ ଏବଂ ଅତିୟତୁଲ ଅଜ଼ିଜ଼ ଖଦିଜାଙ୍କର ସୁପୁତ୍ର ଥିଲା । ସ୍ୱର୍ଗତ ଜାହିଦର ଅଜା ଫାରୁକ୍ ଅହେମଦ ଖାନ୍ ଅଟନ୍ତି । ଯିଏ ହଜ଼ରତ ନୱାବ ଅମତୁଲ ହଫିଜ଼୍ ବେଗମ ସାହେବାଙ୍କ ପୌତ୍ର ଥିଲେ । ଜେନ୍ରେଟରରେ ନିଆଁ ଲାଗି ଘରେ ଅଗ୍ନି ସଂଯୋଗ ହେବା ଯୋଗୁଁ ତା ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା ଏବଂ ଗମ୍ଭୀର ରୂପେ ସେ କ୍ଷତାକ୍ତ ହୋଇପଡ଼ିଥିଲା । ସେ ଠିକ୍ ହୋଇ ଆସୁଥିଲା କିନ୍ତୁ ପୁନଶ୍ଚ କୌଣସି ସଂକ୍ରମଣ ଯୋଗୁଁ ଚିକିତ୍ସାଳୟରେ ତା'ର ମୃତ୍ୟୁ ହୋଇଥିଲା । ଏହି ବୟସର ପିଲାମାନେ ସ୍ୱର୍ଗର ଅଧିକାରୀ ହୋଇଥାଆନ୍ତି । ଅଲ୍ଲାଃତାଲା ତାକୁ ନିଜର ପ୍ରିୟତମ ସାମୀପ୍ୟତା ପ୍ରଦାନ କରନ୍ତୁ । ତାହାର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତା'ର ମାତାଙ୍କୁ ଓ ଅଜା ଆଈଙ୍କୁ ମଧ୍ୟ ଧୈର୍ଯ୍ୟ ତଥା ସାହାସ ପ୍ରଦାନ କରନ୍ତୁ । ଆମିନ୍ ।

.....................................

KHULASA KHUTBA JUMA HUZOOR ANWAR a.b.a
21th Feb 2020

...................